# NATIONAL NEWS BULLETIN (ODIA)

## 22 June - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେବ ଆସନ୍ତା ସୋମବାର ।
- ଏନ୍.ଟି.ଏ. ଦ୍ୱାରା ପରିଚାଳିତ ପରୀକ୍ଷା ଗୁଡ଼ିକୁ ସ୍ୱଚ୍ଛ, ନିରପେକ୍ଷ ଓ ସ୍ୱଚ୍ଛନ୍ଦରେ କରାଇବା ଲାଗି ଗଠନ କରାଗଲା ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ।
- ୨୦୨୪-୨୫ ପ୍ରାକ୍ ବଜେଟ୍ ବୈଠକରେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାର ସୁବିଧା ନେବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଆହ୍ୱାନ ।
- ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ କଲେ ଆଲୋଚନା ।

ଏବଂ

- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଆଜି ରାତି ୮ଟାରେ ଭାରତ-ବାଂଲାଦେଶ ମଧ୍ୟରେ ହେବ ମୁକାବିଲା ।

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ । ପ୍ରୋଟେମ୍ ବାଚସ୍ପତି ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖ ଦିନ ଲୋକସଭାର ବାଚସ୍ପତି ନିର୍ବାଚନ ହେବ ।  ୨୭ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟସଭାର ଅଧିବେଶନ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ ।

## ଏନ୍‌ଟିଏ-କମିଟି

ଜାତୀୟ ପରୀକ୍ଷଣ ସଂସ୍ଥାନ—ଏନ୍.ଟି.ଏ. ଦ୍ୱାରା କରାଯାଉଥିବା ପରୀକ୍ଷା ଗୁଡ଼ିକୁ ସ୍ୱଚ୍ଛ, ନିରପେକ୍ଷ ଓ ସ୍ୱଚ୍ଛନ୍ଦରେ କରାଇବା ସକାଶେ କେନ୍ଦ୍ର

ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି । ୭ ଜଣ ସଦସ୍ୟ ବିଶିଷ୍ଟ ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋର ଡକ୍ଟର କେ. ରାଧାକ୍ରିଷ୍ଣନ୍ ରହିଛନ୍ତି । ତାଙ୍କୁ ଏନ୍.ଟି.ଏ.ର କାର୍ଯ୍ୟକାରିତା ଓ ବ୍ୟବସ୍ଥାର ସମୀକ୍ଷା କରିବା ସହ ପରୀକ୍ଷା ବ୍ୟବସ୍ଥା, ଡାଟା ନିରାପତ୍ତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଶୈଳୀରେ ପରିବର୍ତ୍ତନ କରାଯିବା ସକାଶେ ପରାମର୍ଶ ଦେବା ପାଇଁ କୁହାଯାଇଛି । ଏହି କମିଟି ବର୍ତ୍ତମାନର ପରୀକ୍ଷା ବ୍ୟବସ୍ଥାର ମୂଲ୍ୟାୟନ କରିବା ସହ ବ୍ୟବସ୍ଥାରେ କ'ଣ ସଂଶୋଧନ କରାଯାଇପାରିବ ସେ ସମ୍ପର୍କରେ ପ୍ରସ୍ତାବ ଦେବ । ଏଥିସହିତ କମିଟି ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଏହାକୁ ଆହୁରି ଦୃଢ଼ କରିବା ପାଇଁ ପ୍ରସ୍ତାବ ଦେବ । ଉଚ୍ଚଶିକ୍ଷା ମନ୍ତ୍ରଣାଳୟକୁ କମିଟି ତାର ରିପୋର୍ଟ ଆସନ୍ତା ୨ ମାସ ମଧ୍ୟରେ ପ୍ରଦାନ କରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଡକ୍ଟର ରାଧାକ୍ରିଷ୍ଣନଙ୍କ ସମେତ ଏହି କମିଟିରେ ଏମସ୍ ଦିଲ୍ଲୀ ନିର୍ଦ୍ଦେଶକ ଡକ୍ଟର ରନ୍ଦୀପ ଗୁଲେରିୟା, ହାଇଦ୍ରାବାଦ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ପ୍ରଫେସର ବି.ଜେ. ରାଓ, ଆଇ.ଆଇ.ଟି. ମାଡ୍ରାସ୍ର ପ୍ରଫେସର ରାମମୂର୍ଥୀ କେ. ଏବଂ ଆଇ.ଆଇ.ଟି. ଦିଲ୍ଲୀ ଛାତ୍ରଛାତ୍ରୀ ବ୍ୟାପାରର ଡିନ୍ ପ୍ରଫେସର ଆଦିତ୍ୟ ମିତଲ ଅଛନ୍ତି ।

ଏହି କମିଟି ଗଠନ ହେବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ଏବଂ ସେମାନଙ୍କର ସଫଳ ଭବିଷ୍ୟତ ସରକାରଙ୍କର ସବୁଠାରୁ ବଡ଼ ପ୍ରାଥମିକତା । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଦେଶରେ ସ୍ୱଚ୍ଛ ଓ ଭୟଶୂନ୍ୟ ବାତାବରଣରେ ପରୀକ୍ଷା କରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ । ବିଶେଷଜ୍ଞମାନଙ୍କୁ ନେଇ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟି ଦେଶରେ ପରୀକ୍ଷା ବ୍ୟବସ୍ଥାକୁ ଦକ୍ଷ ଓ ସୁଦୃଢ଼ କରିବ । କମିଟି ଡାଟା ସୁରକ୍ଷା ପ୍ରୋଟୋକଲକୁ ମଜବୁତ କରିବା  ସହିତ ପରୀକ୍ଷା କ୍ଷେତ୍ରରେ ସମସ୍ତ ସମ୍ଭାବ୍ୟ ଦୁର୍ନୀତିର ଅନ୍ତ ଘଟାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ପ୍ରି ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟରେ ଟିକସ ରାଶି ହସ୍ତାନ୍ତର, ଅର୍ଥ ଆୟୋଗ ଅନୁଦାନ ଏବଂ ଜି.ଏସ୍.ଟି. କ୍ଷତିପୂରଣ ବକେୟା ପ୍ରଦାନ ଆଦି କେନ୍ଦ୍ର ସରକାରଙ୍କ ସହାୟତା ଠିକ୍ ସମୟରେ  କରାଯାଉଛି । ରାଜଧାନୀ ଦିଲ୍ଲୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ମାନଙ୍କୁ ନେଇ ଆଜି ଅନୁଷ୍ଠିତ ୨୦୨୪-୨୫ ପ୍ରାକ୍ ବଜେଟ୍ ବୈଠକରେ ଶ୍ରୀମତୀ ସୀତାରମଣ ରାଜ୍ୟଗୁଡ଼ିକରେ ପୁଞ୍ଜିନିବେଶ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ସହାୟତା

ଯୋଜନାର ସୁବିଧା ନେବା ପାଇଁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ଏହି ଯୋଜନା ଅଧୀନରେ ଅଧିକାଂଶ ଋଣ ଅତ୍ୟନ୍ତ ସୁବିଧାଜନକ ଏବଂ ରାଜ୍ୟ ଗୁଡ଼ିକ ପାଇଁ ଲାଭଦାୟକ । ଏହି ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଗୋଆ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଏବଂ ସିକ୍କିମ୍‌ର ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଏହା ବ୍ୟତୀତ ବିହାରର ଉପମୁଖ୍ୟମନ୍ତ୍ରୀ ଏବଂ ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ତେଲଙ୍ଗାନାର ଅର୍ଥମନ୍ତ୍ରୀ ଯୋଗ ଦେଇଥିଲେ ।

## ଓଡ଼ିଶା ବଜେଟ୍

ଏହି ବୈଠକରେ ଓଡ଼ିଶାରେ ଅର୍ନ୍ତଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ରାଜ୍ୟକୁ ଏକ ନିବେଶ କେନ୍ଦ୍ର ଭାବେ ପ୍ରୋତ୍ସାହନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ସେହିଭଳି ପାରାଦ୍ୱୀପ ବନ୍ଦରର ସମ୍ପ୍ରସାରଣ, ସମ୍ବଲପୁରଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ବଜେଟ୍‌ରେ ଉପଯୁକ୍ତ ବ୍ୟବସ୍ଥା, ଓଡ଼ିଶାରେ ଜାତୀୟ ରାଜପଥ, ବିଶେଷ କରି କୋଷ୍ଟାଲ ହାଇୱେ ଓ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପର ସମାପ୍ତି ନିମନ୍ତେ ପଦକ୍ଷେପ, ଶୁଭଦ୍ରା ଯୋଜନାରେ ମହିଳା ସଶକ୍ତିକରଣ ପାଇଁ ସହାୟତା, ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅତିକମ୍‌ରେ ୫ ଲକ୍ଷ ଘର ନିର୍ମାଣ ପାଇଁ ବଜେଟ୍‌ରେ ଆବଶ୍ୟକୀୟ ଆବଣ୍ଟନ, ଓଡ଼ିଶାରେ ନୂତନ ସହରର ବିକାଶ ଏବଂ ଦ୍ରୁତ ସହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଆଦି ଦାବି ଉପସ୍ଥାପନ କରାଯାଇଥିଲା । କେନ୍ଦ୍ର ଅର୍ଥମନ୍ତ୍ରୀ ସମସ୍ତ

ଦାବି ଓ ପରାମର୍ଶ ଗୁଡ଼ିକ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଜାମ୍ମୁ କାଶ୍ମୀର

ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ପ୍ରଥମ ପୂଜା ନୀତି କରିବା ପୂର୍ବକ ବାର୍ଷିକ ଅମରନାଥ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସେ ଏହି ପାରମ୍ପରିକ ପୂଜା କରିଥିବା ବେଳେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରିଛନ୍ତି । ସେ ଚଳିତ ବର୍ଷ ଯାତ୍ରାକୁ ସ୍ୱଚ୍ଛନ୍ଦରେ କରାଇବା ପାଇଁ ପ୍ରଶାସନ ଓ ମନ୍ଦିର ବୋର୍ଡ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ, ନିରାପତ୍ତା, ଅତ୍ୟାବଶ୍ୟକ ସୁବିଧା ତଥା ଯାତ୍ରୀମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ଭିତ୍ତିଭୂମି ନିର୍ମାଣ ଯୋଗୁଁ ଚଳିତ ବର୍ଷ ଯାତ୍ରା ଅତ୍ୟନ୍ତ ସଫଳ ହେବ ।

ସୂଚନା ଯୋଗ୍ୟ ଚଳିତ ବର୍ଷ ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ୨୯ ତାରିଖରୁ ଉଭୟ ଅନନ୍ତନାଗ ଜିଲ୍ଲାର ପହଲଗାଓଁ ଓ ଗନ୍ଦେରବାଲ୍ ଜିଲ୍ଲାର ବଲତାଲ୍ ରାସ୍ତା ଦେଇ ଏକା ସମୟରେ ଆରମ୍ଭ ହେବ ।

## ପ୍ରେଜ୍-ହସିନା ମିଟ୍

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଶେଖ୍ ହସିନାଙ୍କୁ ସ୍ୱାଗତ କରି ରାଷ୍ଟ୍ରପତି ଆନନ୍ଦିତ ବୋଲି କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଉଭୟ ଦେଶ ମଧ୍ୟରେ ନିୟମିତ ବ୍ୟବଧାନରେ ହେଉଥିବା ଆଲୋଚନା ଦୁଇ ଦେଶ ମଧ୍ୟରେ ରହିଥିବା ମଧୁର ସମ୍ପର୍କ ଓ ବନ୍ଧୁତାର ନିଦର୍ଶନ । ୧୯୭୧ ମସିହାରେ ବାଂଲାଦେଶର ମୁକ୍ତି ସଂଗ୍ରାମ ଠାରୁ ଏହି ସମ୍ପର୍କ ଅତୁଟ ରହିଆସିଛି । ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱରେ ବାଂଲାଦେଶରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହୋଇଥିବା ସେ କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ ଓ ବାଂଲାଦେଶ ପାରସ୍ପରିକ ବୁଝାମଣା କ୍ଷେତ୍ରରେ ନୂତନ ଶିଖରରେ ପହଞ୍ଚିବାକୁ ଯାଉଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ଆର୍ଥିକ ସହଭାଗି ସମ୍ପର୍କର ବିକାଶ, ପ୍ରତିରକ୍ଷା ବୁଝାମଣା, ଶକ୍ତି ସୁରକ୍ଷା ଓ ଗମନାଗମନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଛି ।

## ଶ୍ରୀଲଙ୍କା-ପ୍ରେସିଡେଣ୍ଟ

ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ ବିକ୍ରମା ସିଂଘେ ଗତ ଦୁଇ ବର୍ଷରେ ତାଙ୍କ ଦେଶରେ ଦେଖା ଦେଇଥିବା ଆର୍ଥିକ ସଂକଟକୁ ଦୂର କରିବା ଦିଗରେ ଭାରତ ଦେଇଥିବା ଆର୍ଥିକ ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି ।

କଲମ୍ବରେ ୩୧ତମ  ସର୍ବଭାରତୀୟ ସହଭାଗି ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଉଭୟ ଦେଶ ଦୃଢ଼ ସହଭାଗି ସମ୍ପର୍କ ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ସେ ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବା ଅବସରରେ ଉଭୟ ଦେଶର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା କହିଥିଲେ । ଇତିମଧ୍ୟରେ ଗତ ଗୁରୁବାର ଦିନ ଭାରତର  ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶ୍ରୀଲଙ୍କା ଗସ୍ତ କରିବା ଅବସରରେ ଭାରତ-ଶ୍ରୀଲଙ୍କା ସହଯୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶ୍ରୀଲଙ୍କାରେ ଭାରତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଅଛି । ବିଶେଷ କରି ଶ୍ରୀଲଙ୍କାରେ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି ।

## କ୍ରିକେଟ୍

ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଆଜି ରାତି ୮ଟାରେ ଭାରତ-ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ସୁପର ଏଇଟ୍ ପର୍ଯ୍ୟାୟର ଏହି ମ୍ୟାଚ୍ ଆଣ୍ଟିଗୋଆ ସ୍ଥିତ ସାର୍ ଭିଭିଆନ୍ ରିଚାର୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଭାରତ ତାର ପ୍ରଥମ ସୁପର ଏଇଟ୍ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନକୁ ୪୭ରନ୍‌ରେ ପରାସ୍ତ କରିଥିଲା ।

ଆଜି ୱେଷ୍ଟଇଣ୍ଡିଜ୍ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍‌ରେ ବିଜୟୀ ହୋଇଛି । ବ୍ରିଜ୍ ଟାଉନ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ବ୍ୟାଟିଂ କରିବାକୁ ଆମେରିକାକୁ ଆମନ୍ତ୍ରଣ କରିଥିଲା । ଆମେରିକା ୧୯ ଓଭର ଓ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରୋଷ୍ଟନ୍ ଚେଜ୍ ୪ ଓଭରରେ ୧୯ ରନ୍ ବିନିମୟରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୨୯ ରନ୍‌ର ବିଜୟଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ୍ ୧୦ ଓଭର ଏବଂ ୫ଟି ବଲ୍‌ରେ ୧ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ରୋଷ୍ଟନ୍ ଚେଜ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।